# ପିଲାଙ୍କ ଧରିତ୍ରୀ

ଶନିବାର, ୫ ଅଗଷ୍ଟ, ୨୦୨୩





# ବୁଦ୍ଧିର ବଳ

## ଗପ

ମିଠୁ ବୋଲି ମୂଷାଟିଏ ପିଲାଛୁଆ ସହିତ ଆମ ଘର ଅମାର ଘରେ ଗାତ କରି ରହିଥିଲା। ସେ ମୂଷାମାନେ ଧାନ ଖାଇବା ସହ ବହିପତ୍ର, ଲୁଗାପଟା କାଟି ପକାନ୍ତି। ତାଙ୍କ ଦାଉରେ ଆମେ ସମସ୍ତେ ଅସ୍ତବ୍ୟସ୍ତ ହୋଇପଡ଼ିଲୁ।

ମିଠୁ ଓ ତା' ଛୁଆମାନେ ଭାରି ଚାଲାକ୍। ଏଣୁ ଆମେ ଭୁଆ ବିଲେଇଟିଏ ଆଣି ପାଳିଲୁ। ତା' ନାଁ ଗୁଣ୍ଟୁ। ପ୍ରଥମ ଦିନ ସନ୍ଧ୍ୟାରେ ବୋଉ ତାକୁ ନେଇ ଅମାର ଘରେ ଛାଡ଼ିଦେଲେ। ତାକୁ ଦେଖିବାମାତ୍ରେ ଅମାର ଭିତରେ ଖେଳୁଥିବା ମିଠୁ ଏବଂ ତାହାର ପିଲାମାନେ ଯିଏ ଯୁଆଡ଼େ ପାଇଲେ ଧାଇଁବାକୁ ଲାଗିଲେ। ଆଉ ତା' ଭିତରେ ଗୁଣ୍ଟୁ ଦୁଇଟି ମୂଷାଛୁଆଙ୍କୁ ଧରି ଜଳଖିଆ କରିଦେଲା। ଏହାପରେ ମୂଷାମାନେ କିଛିଦିନ ଧରି ଭୟରେ ଗାତରୁ ବାହାରିଲେ ନାହିଁ। ଆମେ ଭାବିଲୁ ଯେ, ଯାହାହେଉ, ଆମର କଣ୍ଟା ଗଲା।

ମିଠୁ ଯେମିତି ବୁଦ୍ଧିଆ ସେମିତି ଧୈର୍ଯ୍ୟବାନ୍ ମଧ୍ୟ। ସେଥିପାଇଁ ଗୁଣ୍ଟୁକୁ କିପରି ସେଠାରୁ ତଡ଼ିବ ତାହା ସେ ମନେମନେ ଭାବିବାକୁ ଲାଗିଲା। ଗାତରେ ଥାଇ ମିଠୁ ସବୁବେଳେ ଗୁଣ୍ଟୁର ଗତିବିଧିକୁ ଲକ୍ଷ୍ୟ କରୁଥାଏ। ତା' ଚାଲିଚଳଣରୁ ସେ ବୁଝିଗଲା ଯେ ବିଲେଇଟି ସିନା ବଳୁଆ, ହେଲେ ନିର୍ବୁଦ୍ଧିଆ ଆଉ ଡରୁଆ।

ଯେଉଁଦିନ ଗୁଣ୍ଟୁ କୁକୁରଟାଏ ଦେଖି ଭୟରେ କବାଟ କୋଣରେ ପଶି ଥରିବାକୁ ଲାଗିଲା ଓ ସାରାଦିନ ଘରୁ ବାହାରିଲା ନାହିଁ, ସେଦିନ ମିଠୁର ଦୃଢ଼ ବିଶ୍ୱାସ ହୋଇଗଲା ଯେ ତାକୁ ସେ ନିଶ୍ଚୟ ଦିନେ ତଡ଼ିପାରିବ।

ଦିନକର କଥା। ଜେଜେବାପା ଖାଇଥିବା ମାଛ ତରକାରିର ଅଇଁଠା ଥାଳିଟା ଖଟ ତଳେ ଥାଏ। ଗୁଣ୍ଟୁ ତା' ଗନ୍ଧ ଶୁଙ୍ଘି ଶୁଙ୍ଘି ବଳକା ମାଛ ଝୋଳଗୋଳା ଅଇଁଠା ଭାତକୁ ଗାଉଁ ଗାଉଁ କରି ଖାଇବାକୁ ଲାଗିଲା। ସେତିକିବେଳକୁ ଗୁଣ୍ଟୁର ଗତିବିଧି ଲକ୍ଷ୍ୟ କରିବା ପାଇଁ ମିଠୁ ଛପିଛପି ତା' ପଛେପଛେ ଆସୁଥାଏ। ଏଇ ସୁଯୋଗରେ ସେ ଧୀରେ ଧୀରେ ଟେବୁଲ ଉପରକୁ ଚଢ଼ି ବହିର ଥାକ ଭିତରେ ଲୁଚିଗଲା।

ଯବକାଚଟି ବହି ଥାକରେ ଡେରା ହୋଇଥାଏ। ମିଠୁ ତା ଭିତର ଦେଇ ଗୁଣ୍ଟୁ ଆଡ଼କୁ ଚାହିଁଲା। ତାକୁ ଦେଖାଗଲା ଯେ ଖଟ ତଳେ ବାଘଟାଏ ବସିଛି। ପ୍ରଥମେ ମିଠୁ ସେଠାରୁ ପଳାଇ ଯିବାକୁ ବସିଲା। ହେଲେ ପରେ ଭାବିଲା ଯେ ସେ ଯବକାଚ ଦେଇ ଦେଖୁଥିବାରୁ ବିଲେଇଟା ବାଘ ଭଳି ଦେଖାଯାଉଛି। ତେଣୁ ସେ ତା' ସାହାଯ୍ୟରେ ଗୁଣ୍ଟୁକୁ ତଡ଼ିବାକୁ ବୁଦ୍ଧିଟିଏ ପାଞ୍ଚିଲା।

ଗୁଣ୍ଟୁ ଅଇଁଠା ଥାଳି ଚାଟି ଚାଲିଥାଏ। ମିଠୁ ଯବକାଚର କିଛି ଦୂରରେ ଠିଆ ହୋଇ ନିଶ ଫୁଲାଇ ତାକୁ ଜୋର୍‌ରେ ଡାକ ଦେଲା– 'ଆରେ ମୂର୍ଖ ବିଲେଇ, ତୁ ଏଠାକୁ ଆସି ମୋ ଜାତିଭାଇଙ୍କୁ ମାରୁଛୁ। ମୁଁ ଗଣେଶଙ୍କ ବାହାନ ମୂଷିକରାଜ। ଆସିଛି ତା'ର ପ୍ରତିଶୋଧ ନେବାକୁ। ଆଜି ମୋ କବଳରୁ ତୋର ନିସ୍ତାର ନାହିଁ।' ଗୁଣ୍ଟୁ ଯେତେବେଳେ ମୁଣ୍ଡ ଟେକି ଚାହିଁଲା ତାକୁ ଯବକାଚରେ ଏକ ବିଶାଳକାୟ ମୂଷା ଦେଖାଗଲା। ନିଶଗୁଡ଼ିକ ଦଉଡ଼ି ଭଳି ମୋଟା। ଆଖି ଦିଇଟା ସତେ ଯେପରି ଦୁଇଟା ଚକ ଭଳି ଏବଂ ଦାନ୍ତଗୁଡାକ ଛୁରି ଭଳି। ଆରେ ବାପ୍‌ରେ ବାପ୍...। ଏ ତ ନିଶ୍ଚୟ ତାକୁ ମାରି ପକାଇବ। ଏକା କୁଦାକେ ଗୁଣ୍ଟୁ ଝରକା ଦେଇ ଭାଗ୍। ସେଇଦିନଠାରୁ ସେ ଆଉ ଆମ ଘର ମାଡ଼େନା। ମିଠୁ ଓ ତା' ପିଲାପିଲିମାନେ ଏବେ ମନଇଚ୍ଛା ଅମାରକୁ ଲୁଟିବାରେ ଲାଗିଛନ୍ତି।

– **କନକଲତା ପରିଡ଼ା**

ଉଷା ନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର

ମୋ : ୯୯୩୭୩୦୧୪୬୦



# ଖିଲି ଖିଲି ହସ

ରାହୁଲ ସ୍କୁଲରୁ ହସି ହସି ଆସୁଥିବାର ଦେଖି ବାପା ପଚାରିଲେ...

ବାପା– କଥା କ'ଣ ରାହୁଲ! ତୁ ଆଜି ବେଶି ଖୁସି ଜଣାପଡୁଛୁ...

ରାହୁଲ– ବାପା! ତମେ ବି ଶୁଣିଲେ ଖୁସି ହୋଇଯିବ।

ବାପା– ଆରେ, କ'ଣ ହେଇଛି ତ ଟିକେ ଆଗ କହ?

ରାହୁଲ– ମୁଁ ତୁମ ଟଙ୍କା ପୁଣି ବଞ୍ଚେଇ ଦେଇଛି।

ବାପା (ଆଶ୍ଚର୍ଯ୍ୟରେ...)– କେମିତି?

ରାହୁଲ– ଗତ ଦୁଇବର୍ଷ ଭଳି ଏବର୍ଷ ବି ତୁମକୁ ମୋ ପାଇଁ ଆଉ ବହି କିଣିବାକୁ ପଡ଼ିବନି। କାରଣ ଏଥର ବି ଫେଲ୍ ହୋଇଛି, ଆଉ ସେଇ ସମାନ କ୍ଲାସରେ ପଢ଼ିବି।

(ରାଜୁ କ୍ଲାସରେ ଶୋଇଥିବା ସମୟରେ...)

ଶିକ୍ଷକ– ପିଲାମାନେ ସମସ୍ତେ ମୋ କଥା ଧ୍ୟାନ ସହକାରେ ଶୁଣ। ଦିଲ୍ଲୀରେ କୁତବମିନାର ରହିଛି।

(ଏହି ସମୟରେ ରାଜୁ କ୍ଲାସରେ ଶୋଇଥିବାର ଦେଖି ଶିକ୍ଷକ ତାକୁ ପଚାରିଲେ...)

ଶିକ୍ଷକ– ରାଜୁ କହିଲୁ, ମୁଁ ଏବେ କ'ଣ ପଢ଼ାଉଥିଲି?

ରାଜୁ– ସାର୍! ଆପଣ ପଢ଼ାଉଥିଲେ– ଦିଲ୍ଲୀରେ କୁତା ବେମାର୍ ଅଛି।

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ମତାମତ

✪ ଜଣା ଅଜଣାରେ 'ଖାଦ୍ୟ ବିନା ବଞ୍ଚିପାରୁଥିବା ପ୍ରାଣୀ'ଙ୍କ ବିଷୟରେ ଜାଣିବାକୁ ପାଇଲି।

– ରୋଶନୀ ନାୟକ, ବୁଢ଼ାରାଜା, ସମ୍ବଲପୁର

✪ ବର୍ଷା ସମ୍ବନ୍ଧୀୟ କବିତାଗୁଡିକ ବେଶ୍ ମନଛୁଆଁ ହୋଇପାରିଛି।

– ରାଜନ୍ ମହାନ୍ତି, ନୟାଗଡ଼

✪ ତୁମ ତୂଳୀ ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ହେଉଛି।

– ମନୋଜ ରାଉତ, ନିମାପଡ଼ା, ପୁରୀ

✪ ଆଇନାରେ ପିଲାଙ୍କ ଫଟୋ ଦୁଇଟି ଭଲ ହୋଇଥିଲା।

– ବିଜୟ କୁମାର ସାହୁ, ପାତ୍ରପଡ଼ା, ଭୁବନେଶ୍ୱର


## ପିଲାଙ୍କ ଧରିତ୍ରୀ

ପିଲାଙ୍କ ଧରିତ୍ରୀ ପୃଷ୍ଠା ସଭିଙ୍କୁ
ଆକର୍ଷିତ କରିଥାଏ
ପିଲା ପାଇଁ ଦିଏ ଶିକ୍ଷଣୀୟ ଗପ
ଥାଏ ତହିଁ ନୀତି ଶିକ୍ଷା
ଖିଲି ଖିଲି ହସ ହସାଏ ପିଲାଙ୍କୁ
ମନ ମୋହେ ହସ କଥା।
ଶିଶୁଙ୍କ ପ୍ରତିଭା ସବୁରି ଶିଶୁଙ୍କୁ
ବହୁ ଉତ୍ସାହିତ କରେ
ଜଣା ଓ ଅଜଣା ପୃଷ୍ଠା ବହୁ ଜ୍ଞାନ
ଭରଇ ଶିଶୁ ମନରେ।
ପିଲାଙ୍କର ସଦା ରୁଚି ରହିଥାଏ
ପିଲାଙ୍କ ଧରିତ୍ରୀ ପ୍ରତି
ପଢ଼ିଥାଏ ଯିଏ ଜ୍ଞାନ ବଢ଼ିଥାଏ
ପଢ଼ ପିଲାଙ୍କ ଧରିତ୍ରୀ।

– **କ୍ଷିତୀଶ ଜେନା**

କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର

# ମଶା



**ବିଶ୍ୱର ସବୁଠୁ ବିପଜ୍ଜନକ ପ୍ରାଣୀ ହେଉଛି ମଶା। ମଶା କାମୁଡିବା ଯୋଗୁଁ ପ୍ରତିବର୍ଷ ସର୍ବାଧିକ ଲୋକ ମୃତ୍ୟୁବରଣ କରିଥାନ୍ତି।**

➲ ବିଶ୍ୱର ସବୁଠୁ ବିପଜ୍ଜନକ ପ୍ରାଣୀ (ଡେଡ୍‌ଲିଏଷ୍ଟ ଆନିମଲ୍) ହେଉଛି ମଶା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ତଥ୍ୟ ଅନୁସାରେ କେବଳ ମଶା କାମୁଡା କାରଣରୁ ମ୍ୟାଲେରିଆ, ଡେଙ୍ଗୁ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାରେ ୭୨୫୦,୦୦୦ ଲୋକ ପ୍ରତିବର୍ଷ ମୃତ୍ୟୁବରଣ କରିଥାନ୍ତି।

➲ ମଶାକୁ ସାପ ଠାରୁ ମଧ୍ୟ ଅଧିକ ବିଷାକ୍ତ ବୋଲି ଧରାଯାଏ।

➲ ମଶାଙ୍କ ଆୟୁଷ ପ୍ରାୟତଃ ଦୁଇମାସରୁ କମ୍ ହୋଇଥାଏ। ସାଧାରଣତଃ ପୁରୁଷ ମଶା ୧୦ ଦିନ ଯାଏ ଏବଂ ମାଈ ମଶା ୬ ରୁ ୮ ସପ୍ତାହ ପର୍ଯ୍ୟନ୍ତ ବଞ୍ଚି ରହିଥାନ୍ତି।

➲ ଗୋଟିଏ ମାଈ ମଶା ଥରକେ ପ୍ରାୟ ୩୦୦ଟି ଅଣ୍ଡା ଦେଇପାରେ।

➲ ମଶାଙ୍କର ଦାନ୍ତ ନ ଥାଏ, ସେଥିପାଇଁ ମଶା ତା ଶୁଣ୍ଢରେ ଦଂଶନ କରିଥାଏ।

➲ ଗୋଟିଏ ମଶା ତା ନିଜର ଓଜନ ଠାରୁ ୩ ଗୁଣ ଅଧିକ ଓଜନର ରକ୍ତ ପିଇ ପାରେ।

➲ ମଶାମାନେ ମଣିଷଙ୍କ ଗନ୍ଧ ଜାଣିପାରନ୍ତି। ମଣିଷ ଶରୀରର ଝାଳ ଗନ୍ଧ ମଶାଙ୍କୁ ଅଧିକ ଆକୃଷ୍ଟ କରିଥାଏ। ତେଣୁ ଯେଉଁମାନଙ୍କର ଅଧିକ ଝାଳ ବାହାରେ ସେମାନଙ୍କୁ ମଶା ଅଧିକ କାମୁଡିଥାନ୍ତି।

➲ ଆଶ୍ଚର୍ଯ୍ୟର କଥା ମଶାଙ୍କର ସ୍ମରଣଶକ୍ତି ବହୁତ ଅଧିକ। ଏକ ରିସର୍ଚ୍ଚରୁ ଜଣାପଡିଛି କି ଯଦି ଆପଣ କୌଣସି ମଶାକୁ ମାରିବାକୁ ଚେଷ୍ଟା କରିଥିବେ ତେବେ ସେହି ମଶାଟି ପ୍ରାୟ ୨୪ ଘଣ୍ଟା ପର୍ଯ୍ୟନ୍ତ ସେଠାରେ ରହିବ ନାହିଁ।

➲ ତୁଳସୀପତ୍ରର ସୁଗନ୍ଧରେ ମଶା ଆସି ନ ଥାନ୍ତି। ଏହା ବ୍ୟତୀତ ଗେଣ୍ଡୁ ଫୁଲ, ରସୁଣର ଗନ୍ଧ ତଥା ଲେମ୍ବୁ କିମ୍ବା ଲେମ୍ବୁ ଭଳି ବାସ୍ନା ମଧ୍ୟ ମଶାଙ୍କୁ ପସନ୍ଦ ହୋଇ ନ ଥାଏ।

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**

dharitrifeature@gmail.com



ସଫଳତା ପାଇବାକୁ ହେଲେ କର୍ତ୍ତବ୍ୟନିଷ୍ଠ ଓ ପରିଶ୍ରମୀ ହେବା ଦରକାର। ଏଥିପାଇଁ ତ କୁହାଯାଏ କାଲି କାମକୁ ଆଜି କର ଓ ଆଜିର କାମକୁ ଏବେ। ଛାତ୍ରଜୀବନରୁ ହିଁ ଏହି ନୀତିବାଣୀକୁ କାମରେ ଲଗାଇ ପାରିଲେ ଭବିଷ୍ୟତରେ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ହେବା ସହିତ ସଫଳତାର ଶୀର୍ଷରେ ପହଞ୍ଚିପାରିବା।

# ଆଜି କାମ ଏବେ

ଜୀବନକୁ ସହଜ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ପିଲାମାନଙ୍କୁ ଛୋଟବେଳରୁ ବହୁ ନୀତିଶିକ୍ଷା ଦିଆଯାଇଥାଏ। କିଛି ପଢ଼ାବହି ମାଧ୍ୟମରେ ତ ଆଉ କିଛି ନୀତିଶିକ୍ଷା ଗୁରୁଜନମାନେ ହିଁ ପିଲାଙ୍କୁ ଶିଖାଇଥାନ୍ତି। ତେବେ ସେସବୁ ନୀତିଶିକ୍ଷାକୁ ନିଜ ଜୀବନରେ ଆପଣାଇ ପାରିଲେ ଭବିଷ୍ୟତରେ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ହୋଇପାରିବ। ଛାତ୍ରଜୀବନରୁ ହିଁ ପିଲାଙ୍କୁ ସଫଳତାର ଅନେକ ମାର୍ଗ ଦର୍ଶାଯାଇଛି। ଏହି ଅନୁସାରେ ପିଲାଙ୍କୁ ସଫଳ ହେବାକୁ ହେଲେ ପରିଶ୍ରମୀ ହେବା ନିହାତି ଆବଶ୍ୟକ। ସେଥିପାଇଁ ତ କୁହାଯାଏ କାଲିର ସବୁ କାମକୁ ଆଜି ହିଁ କରିଦେବା ଦରକାର, ଆଉ ଆଜିର ପ୍ରତିଟି କାମକୁ ଏହି ମୁହୂର୍ତ୍ତରେ ତୁରନ୍ତ ଆରମ୍ଭ କରନ୍ତୁ। ଠିକ୍ ସମୟରେ ନିଜ କାମ ସବୁ ଶେଷ କରିପାରିଲେ ହିଁ ଭବିଷ୍ୟତରେ କୌଣସି ପ୍ରକାର ସମସ୍ୟା ରହି ନ ଥାଏ।

## ସାମାନ୍ୟ ଭାବନ୍ତୁ ନାହିଁ

ବେଳେବେଳେ ପିଲାମାନେ ନିଜର କାମକୁ ଖୁବ୍ କମ୍ ବା ଛୋଟ ମନେକରି ଯେକୌଣସି ସମୟରେ ଶେଷ କରିପାରିବେ ବୋଲି ଭାବି ଦେଇଥାନ୍ତି। ଏହି ଦୃଷ୍ଟିରୁ ସେମାନେ ଅବହେଳାରେ ସମୟ ବିତାଇ ଦିଅନ୍ତି। ଫଳସ୍ୱରୂପ ଠିକ୍ ଆବଶ୍ୟକ ବେଳକୁ କାମ ଆରମ୍ଭ କରନ୍ତି। ଏମିତି ଅନେକଙ୍କର ଅନୁଭୂତି ରହିଥିବ କି ସ୍କୁଲ ଯିବା ପୂର୍ବରୁ ହିଁ କିଛି ହୋମ୍‌ୱାର୍କ ବାକି ରହି ଯାଇଥିବା ମନେ ପଡିଯିବ ଅଥବା କୌଣସି କାମ ରହି ଯାଇଥିବ, ଯାହା ସେମାନଙ୍କୁ କରିବାର ଥିଲା। ଆଉ ସେହିସବୁ କାମ ଏଭଳି ସମୟରେ ମନେପଡ଼ିବ ଯେ ପୁଣିଥରେ ସେମାନେ ପରେ କରିପାରିବେ ଭାବି ଛାଡି ଦେଇ ଚାଲିଯାଆନ୍ତି। ଏଭଳି ଭାବନା ଯୋଗୁ କମ୍ କାମ ମଧ୍ୟ ଧୀରେ ଧୀରେ ଅଧିକ ହୋଇ ବୋଝ ପାଲଟିଯାଏ। ତେଣୁ ହଠାତ୍ ସେସବୁକୁ କରି ହୁଏନି। ଏହି ଅଭ୍ୟାସ ଯୋଗୁ ହିଁ ପିଲାମାନେ ପାଠରେ ହେଉ ଅବା ଅନ୍ୟ ଯେକୌଣସି କାମରେ ପଛୁଆ ହୋଇ ରହିଯାଆନ୍ତି।

## ଅଳସୁଆ ଗୁଣ ଛାଡ଼ନ୍ତୁ

ପାଠ ହେଉ ଅବା ଅନ୍ୟ କୌଣସି କାମକୁ ସଙ୍ଗେ ସଙ୍ଗେ କରିବା ବଦଳରେ ଅନେକେ ପରେ କରିବେ ଭାବି ରହିଯାଆନ୍ତି। ଅଳସୁଆ ଗୁଣ ଯୋଗୁ ପିଲାମାନେ ଏପରି ଭାବି ସବୁ କାମରେ ପଛୁଆ ରହିଯାନ୍ତି। ଫଳରେ ଏମିତି ଦିନେ ସମୟ ଆସେ ଯେ ବହୁ ପାଠ ସେମାନଙ୍କର ବାକି ରହିଯାଏ। ଘରେ ଅନ୍ୟ କୌଣସି କାମ କରିବାକୁ ଥିଲେ ବି ଅଳସୁଆମି କାରଣରୁ ସବୁକାମ ବୋଝ ପାଲଟିଯାଏ। ତେଣୁ କୌଣସି କାମ କରି ହୁଏନି। ସଫଳତାର ସବୁ ମାର୍ଗ ଧୀରେ ଧୀରେ ବନ୍ଦ ହେବାକୁ ଲାଗେ। ତେଣୁ ପିଲାମାନେ ପରିଶ୍ରମୀ ହେଲେ, ସବୁ କାମରେ ସଫଳତା ହାସଲ କରିପାରିବେ।

## ଏମାନେ କ'ଣ କରନ୍ତି

### ଠିକ୍ ସମୟରେ ସବୁ କରେ



ସବୁବେଳେ ମୁଁ ଠିକ୍ ସମୟରେ ସବୁ କାମ କରେ। ସକାଳୁ ଠିକ୍ ସମୟରେ ଉଠେ ଓ ନିଜ ନିତ୍ୟକର୍ମ କରିସାରିବା ପରେ ହିଁ ସ୍କୁଲ ଯାଏ। ସ୍କୁଲରୁ ଫେରିବା ପରେ ଘରେ ଖିଆପିଆ କରିବା ଓ ଖେଳିବା ସବୁକିଛି ଠିକ୍ ସମୟରେ କରିଦିଏ। ଅବଶ୍ୟ ମାମା ମତେ ଟିକେ ହେଲ୍‌ପ କରନ୍ତି। ବିଶେଷକରି ସକାଳୁ ଉଠିବା ପାଇଁ ସେ ସବୁବେଳେ ମତେ ଡାକନ୍ତି ଆଉ ସନ୍ଧ୍ୟାବେଳେ ପ୍ରାର୍ଥନା କରିବା, ତା'ପରେ ଖାଇବା ଓ ପଢ଼ିବା ପାଇଁ ସେ ମନେ ପକାଇ ଦିଅନ୍ତି। ତେଣୁ ମାମାଙ୍କ ପାଇଁ ସବୁବେଳେ ଠିକ୍ ସମୟରେ ହୋମ୍‌ୱାର୍କ ଆଉ ଟିଉଶନ ପାଠ କରି ଦେଇଥାଏ।

**–ଆୟୁଷ୍ମାନ୍ ମହାନ୍ତି, କ୍ଲାସ– ୫, ଷ୍ଟିୱାର୍ଟ ସ୍କୁଲ, ୟୁନିଟ–୮, ଭୁବନେଶ୍ୱର**

### ମାମା ସାହାଯ୍ୟ କରନ୍ତି



ଛୋଟବେଳେ ସକାଳୁ ଉଠି ସ୍କୁଲ ଯିବା ପାଇଁ ମାମା ସବୁଦିନ ନିଦରୁ ଉଠାଉଥିଲେ। ହେଲେ ଏବେ ଅଭ୍ୟାସ ହୋଇଗଲାଣି ବୋଲି ଠିକ୍ ସମୟରେ ପ୍ରାୟ ନିଦ ଆପେ ଆପେ ଭାଙ୍ଗିଯାଉଛି। କିନ୍ତୁ ଉଠିବା ପରେ ନିତ୍ୟକର୍ମ କରିବା, ସ୍କୁଲ ପାଇଁ ରେଡି ହେବା ଓ ଟିଉଶନ ଯିବା ପାଇଁ ସବୁ କାମରେ ମାମା ହେଲ୍‌ପ କରନ୍ତି। ହୋମ୍‌ୱାର୍କ ସବୁ ତୁରନ୍ତ ଶେଷ କରିବାକୁ ଚେଷ୍ଟା କରେ। ବେଳେବେଳେ ସ୍କୁଲରେ ବି କେଉଁ ପିରିୟଡରେ ଫାଙ୍କା ଥିଲେ ମୁଁ ସେହିଠାରେ ହିଁ ହୋମୱାର୍କ ସାରି ଦେଇଥାଏ। ତେଣୁ କ୍ଲାସ୍‌ରେ ସବୁ ଶିକ୍ଷକ ମତେ ବହୁତ ଭଲପାନ୍ତି, ଯାହା ମତେ ଏଭଳି କାମ କରିବା ପାଇଁ ପ୍ରେରଣା ଦେଇଥାଏ।

**–ଆଲିନା ଆୟୁଷୀ, କ୍ଲାସ– ୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର**

### କଥା ମାନି ଚଳେ




ରାତିରେ ଶୋଇବାବେଳେ ଅଧିକାଂଶ ସମୟରେ ବାବା ମତେ ଗପ କହନ୍ତି। ସେହି ଗପ ମାଧ୍ୟମରେ ମୁଁ ଶିଖିପାରିଛି କି କାଲି କାମ ଆଜି କରିବା କଥା ଓ ଆଜି କାମ ଏବେ ଆରମ୍ଭ କରିବା ଦରକାର। କେବଳ ଏହି ନୀତି ଶିକ୍ଷା ନୁହେଁ ପ୍ରତ୍ୟେକ ନୀତିଶିକ୍ଷାକୁ ଜୀବନରେ ପ୍ରୟୋଗ କରିବାକୁ ଚେଷ୍ଟା କରିଥାଏ। ତେଣୁ କୌଣସି ଭୁଲ୍ କାମ ଯେପରି ନ ହେବ ସେଥିପାଇଁ ସବୁବେଳେ ସତର୍କ ରହିଥାଏ। କାହିଁକିନା ବାବା କହନ୍ତି, ଖାଲି ଭଲ ପାଠ ପଢିଲେ କେହି ଭଲ ମଣିଷ ହୋଇପାରନ୍ତି ନାହିଁ। ଭଲ ମଣିଷ ହେବାକୁ ହେଲେ ନୀତି ଆଦର୍ଶକୁ ମଧ୍ୟ ମାନିବାକୁ ହେବ।

**–ଶ୍ରେୟାଂଶୀ ମହାନ୍ତି, କ୍ଲାସ– ୫, କ୍ରୀଷ୍ଣମୂର୍ତ୍ତୀ ୱାର୍ଲ୍ଡ ସ୍କୁଲ, ଜରିପଡା, କଟକ**






୧




୨




୩





୪




୫



୬

୭



୮



୧

**ଶିବାଙ୍ଗୀ ପଟେଲ**
କ୍ଲାସ- ୧, ଦୀପିକା ମଡେଲ ସ୍କୁଲ, କିରେଇ, ସୁନ୍ଦରଗଡ



୨

**ରାଧିଶ୍ୱରୀ ପ୍ରଧାନ**
କ୍ଲାସ- ୭, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାଧପୁର, ଅନୁଗୋଳ



୩

**ପ୍ରାଚୀ ପ୍ରଧାନୀ**
କ୍ଲାସ- ୮, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଗିରି, ଗଜପତି



୪

**ଶ୍ରୀହିତା ଛୋଟରାୟ**
କ୍ଲାସ- ୧, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର



୫

**ଆଦିତ୍ୟ ସ୍ୱରୂପ ଜେନା**
କ୍ଲାସ- ୪, କେନ୍ଦ୍ରୀୟ ବିଦ୍ୟାଳୟ, ଢେଙ୍କାନାଳ



୬

**ପରାଗ ସାଇ କର**
କ୍ଲାସ- ୫, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



୭

**ସମରଜିତ୍ ପରିଡା**
କ୍ଲାସ- ୪, ମହାବୋଧୀ ସୋସାଇଟି ପବ୍ଲିକ ସ୍କୁଲ, ୟୁନିଟ-୯, ଭୁବନେଶ୍ୱର



୮

**ଅନିମେଶ ମିଶ୍ର**
କ୍ଲାସ-୨, ବି.ଜେ.ଇ.ଏମ୍ ସ୍କୁଲ, ଭୁବନେଶ୍ୱର

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




### କମ୍ ସମୟରେ ପଗଡ଼ି

ବିଭିନ୍ନ ସମ୍ପ୍ରଦାୟରେ ପଗଡ଼ି ବାନ୍ଧିବାର ପରମ୍ପରା ରହିଛି। ହେଲେ ପଗଡ଼ି ବାନ୍ଧି ଗିନିଜ୍ ରେକର୍ଡ କରିଛନ୍ତି ମଧ୍ୟପ୍ରଦେଶ ବେତୁଲ ଜିଲାର ଆଦିତ୍ୟ ପଟୋଲୀ। ସବୁଠୁ କମ୍ ସମୟ ମଧ୍ୟରେ ପଗଡ଼ି ବାନ୍ଧି ସେ ଏହି ସଫଳତା ହାସଲ କରିଛନ୍ତି। ଆଦିତ୍ୟ ପଟୋଲୀ ମାତ୍ର ୧୪ ସେକେଣ୍ଡରେ ଜଣଙ୍କ ମୁଣ୍ଡରେ ପଗଡ଼ି ବାନ୍ଧି ପାରିଥିବାରୁ ତାଙ୍କ ନାମ ଏବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଗିନିଜ୍ ରେକର୍ଡର ନିୟମ ଅନୁସାରେ ୩ ମିଟର ଲମ୍ବର ଏକ କପଡ଼ାକୁ ପଗଡ଼ି କରି ବାନ୍ଧିବା ଦରକାର ଥିଲା। ମାତ୍ର ଆଦିତ୍ୟ ୪.୨୫ ମିଟର ଲମ୍ବା ଓ ୧ ମିଟର ଚଉଡ଼ାର ଏକ କପଡ଼ାକୁ ଅନ୍ୟ ଜଣକ ମୁଣ୍ଡରେ ୧୪.୧୨ ସେକେଣ୍ଡରେ ବାନ୍ଧି ପାରିଥିଲେ। ଏଭଳି ଏକ କ୍ଷେତ୍ରରେ ରେକର୍ଡ କରିବା ପାଇଁ ପ୍ରୟାସ କରି ଆଦିତ୍ୟ ସମସ୍ତଙ୍କୁ ଉତ୍ସାହିତ କରି ପାରିଛନ୍ତି।

## ଏଥରର

- ସୌରମଣ୍ଡଳର ବୃହତ୍ତମ ଗ୍ରହର ନାମ ?
- ସୂର୍ଯ୍ୟଙ୍କ ନିକଟତମ ଗ୍ରହ କିଏ ?
- ପୃଥିବୀର ନିକଟରେ କେଉଁ ଗ୍ରହ ରହିଛି ?
- ପୃଥିବୀର ଦୁଇପ୍ରାନ୍ତକୁ କ'ଣ କହନ୍ତି ?
- କେଉଁ କାଳ୍ପନିକ ରେଖା ପୃଥିବୀକୁ ସମାନ ଦୁଇଭାଗ କରେ ?

ଉ ତ୍ତ ର

## ଗତଥରର

- ଇଗ୍ଲୁ
- ନୀଳ ତିମି
- ଜିରାଫ
- ଲାଲ୍
- ୭

## କବିତା



### ବର୍ଷା

ହେ ବରଷା ତବ ଆଗମନ ପରେ
ହସଇ ଧରଣୀ ରାଗେ,
ପୁଲକିତ ହୁଏ ବନ ଉପବନ
ସଜ ହୋଇ ଶ୍ୟାମ ରଙ୍ଗେ।
ଚାଷୀ ବାପୁଡ଼ାଟି ଆକାଶକୁ ଚାହିଁ
ଇନ୍ଦ୍ରକୁ ଡାକ ଦିଅଇ,
ମୁଷଳଧାରାରେ ବରଷଇ ପାଣି
ଚଷା କୁଳ ପାଏ ତ୍ରାହି।
ଋତୁରାଣୀ ତୁମେ ଢାଳି ଦେଇ ଯାଅ
ଅମୃତର ବାରି ଧାରା,
କୋପ କଲେ ତୁମେ ତ୍ରାହି ତ୍ରାହି କହି
କାନ୍ଦନ୍ତି ବସୁଧା ସାରା।
ସଂସାରର ହିତ ପାଇଁ ତବ ସୃଷ୍ଟି
ସଂସାର ତୁମ୍ଭରି ଋଣୀ,
ନ କରି ହେ ଈର୍ଷା କର ପ୍ରେମ ବର୍ଷା
ଧନ୍ୟ ତୁମ୍ଭେ ଋତୁରାଣୀ।

**– ଭଗବାନ ସାହୁ**
ଖଣ୍ଡୁରୁ, ପୋଲସରା, ଗଞ୍ଜାମ
ମୋ: ୯୮୬୧୭୪୨୫୫୮

### ଆସିଲେ ଶ୍ରାବଣ

ଝରଝର ହୋଇ ବରଷା ଝରଇ
ଆସିଲେ ଶ୍ରାବଣ ମାସ
କାଉଡିଆ ଭାଇ ପାଣିଭାର ନେଇ
ଯାଏ ପୁରୀ କପିଳାସ !
ଦୁଇକୂଳ ଖାଇ ବହିଯାଏ ନଈ
ଆସିଲେ ଶ୍ରାବଣ ମାସ
କଳାମେଘ ଦେଖି ପୁଚ୍ଛଟେକି ଶିଖୀ
ନାଚେ କରି ମନ ତୋଷ !
ଚାଷ କ୍ଷେତମାନ ପୂରିଯାଏ ଜଳ
ଆସିଲେ ଶ୍ରାବଣ ମାସ
ଆହାଃ କି ସୁନ୍ଦର ସାଧବ ବୋହୂର
ନାଲିଶାଢ଼ି ପିନ୍ଧାବେଶ !

**– ଜଗଦୀଶ ସାହୁ**
ମୋ: ୯୦୭୮୧୮୫୬୧୬

### ଚାରିଆଡ଼ ଜଳମୟ



ଆଜି ବସୁନ୍ଧରା ଶ୍ରାବଣେ ବତୁରା
ଚାରିଆଡ଼ ଜଳମୟ
ଘନ ଘନ ବାରି ପଡୁଅଛି ଝରି
ନଈ ଦେଖି ଲାଗେ ଭୟ ॥
ଗେଣ୍ଡାଳିଆ ଦଳ ଖୋଜି ବଡ଼ ବିଲ
ଆହାର ଆଶାରେ ଆସି
କୁଜିଗେଣ୍ଡା ଦେଖି ବେକ ଟେକି ଟେକି
ଖାଆନ୍ତି ଖୁସିରେ ବସି ॥
ଚାଷୀ ନଇଁ ନଇଁ ଧାନ ଯାଏ ରୋଇ
ଧାଡ଼ି ଧାଡ଼ି କରି ବିଲ
କେବେ ଆକାଶରେ ଶିକାରୀର ଖରେ
ଉଡ଼ିଯାଏ ଶଙ୍ଖଚିଲ ॥
ଦିନ ଯାଏ ଗଡ଼ି ସଞ୍ଜ ଆସେ ମାଡ଼ି
କ୍ଷେତ ଲେଉଟାଣି ବେଳ
ଆଙ୍କିଦିଏ ଚାଷୀ ଏ ବରଷ ଖୁସି
କପାଳରୁ ପୋଛି ଝାଳ ॥

**– ବସନ୍ତ କୁମାର ପଣ୍ଡା**
ବଇଞ୍ଚା, ଇରମ,ଭଦ୍ରକ
ମୋ: ୮୯୭୯୪୪୭୦୩୬

## କହିଲ ଦେଖି



ନୁହେଁ ସେ ମଣିଷ ନୁହେଁ ସେ ନାରୀ
ଦେଖିଲେ ଲୋକଙ୍କ ଆଦର ଭାରି
ଆସିଲେ ବରଷା ଧରାକୁ ଝରି
ଧରା ପୃଷ୍ଠେ ଚାଲେ ଥିଇରି ଥିରି
ବାହା ହୋଇ ନାହିଁ ବାଜିନି ତୂରୀ
ବଡ଼ଘର ବୋହୂ ଡାକନ୍ତି ନାରୀ
ଦେଖିବାକୁ ସିଏ ସୁନ୍ଦରୀ ଭାରି
ନୁହେଁ ସିଏ କେବେ କାହା ଅଇରି
ନ ଥାଏ ଓଢ଼ଣା ଶିରେ ସିନ୍ଦୁର
କହିଦିଅ ସିଏ ବୋହୂ କାହାର ?

**ଉତ୍ତର– ସାଧବ ବୋହୂ**



ମାଟି ତଳେ ମୁହିଁ ଲୁଚିକି ଥାଏ
ମାଟି ମୋ ପାଇଁ ଉର୍ବର ହୁଏ
କଠିନ ମାଟି ଦୁର୍ବଳ କରାଏ
ଚାଷୀଟି ମୋ ପାଇଁ ଖୁସି ଯେ ହୁଏ
ଧାରା ଶ୍ରାବଣ ବରଷା ଝରିଲେ
ପାଣି ଧାରେ ମୁହିଁ ଚାଲଇ ଧୀରେ
ମୋ ନାମଟି ଭାଇ ଜାଣିଛ କେ ଯଦି
କହିଦିଅ ନାମ ଚାଷୀକୁ ଥରେ।

**ଉତ୍ତର– ଜିଆ**



ସଙ୍ଗ ଛାଡ଼େ ନାହିଁ ଏକାଠି ରହେ
ଧାଡ଼ିରେ ଯିବାକୁ ତା' ଗୋଷ୍ଠୀ କହେ
ତୁଣ୍ଡରେ ରାଗଟି ପ୍ରବଳ ଥାଏ
ଶତ୍ରୁ ହେଲେ ତାକୁ ଜବାବ ଦିଏ
ବର୍ଷା ଆଗମନୀ ସୂଚନା ଦିଏ
ସର୍ବାଙ୍ଗ ଶରୀର କାଳିଆ ଥାଏ
କହିଦିଅ ତା'ର ନାମଟି କିଏ ?

**ଉତ୍ତର– କାଳିଜହ୍ନା**

**– ଦୀନବନ୍ଧୁ ପୋଇ**
ଗୋରଡ଼ାପାଳ, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨



ଜାଣି ଅଜାଣା

# ଭୟଙ୍କର ଆଇଲାଣ୍ଡ





**ପ୍ରକୃତି ସୌନ୍ଦର୍ଯ୍ୟର ଗନ୍ତାଘର। ଏହାର ମନଲୋଭା ଦୃଶ୍ୟ ଦେଇଥାଏ ଅପାର ଆନନ୍ଦ। ହିଲ୍ ଷ୍ଟେଶନ ହେଉ ଅବା ଆଇଲାଣ୍ଡ (ଦ୍ୱୀପ) ବୁଲିବାକୁ ବର୍ଷତମାମ ପର୍ଯ୍ୟଟକ ପସନ୍ଦ କରିଥାଆନ୍ତି। ହେଲେ ଏଭଳି କେତେକ ଆଇଲାଣ୍ଡ ଅଛି, ଯାହା ଦେଖିବାକୁ ସୁନ୍ଦର ହେଇଥିଲେ ବି ସେଠାକୁ ଯିବା ବିପଦପୂର୍ଣ୍ଣ। ଜାଣନ୍ତୁ ଏଭଳି କେତୋଟି ପ୍ରମୁଖ ଆଇଲାଣ୍ଡ ସମ୍ପର୍କରେ...**

### ସବା ଦ୍ୱୀପ

ନେଦରଲାଣ୍ଡରେ ରହିଛି ସବା ଦ୍ୱୀପ। ଏହି ଛୋଟ ଦ୍ୱୀପର କ୍ଷେତ୍ରଫଳ ମାତ୍ର ୧୩ବର୍ଗ କି.ମି। ଏହି ସ୍ଥାନଟି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ହେଲେ ଏଠାରେ ପ୍ରାୟ ସାମୁଦ୍ରିକ ଝଡ଼ ତୋଫାନ ଦେଖିବାକୁ ମିଳିଥାଏ। ଏଥିପାଇଁ କେତେକ ଜାହାଜ ଏହି ଆଇଲାଣ୍ଡରେ ବୁଡ଼ି ଯିବା ସହ ପର୍ଯ୍ୟଟକଙ୍କ ମୃତ୍ୟୁର ନଜୀର ରହିଛି। ବର୍ତ୍ତମାନ ଏହି ଆଇଲାଣ୍ଡରେ ପ୍ରାୟ ୨୦୦୦ ଲୋକ ବସବାସ କରୁଛନ୍ତି।

### କୁମ୍ଭୀର ଦ୍ୱୀପ/ରାମ୍ରୀ ଦ୍ୱୀପ

ରାମ୍ରୀ ଦ୍ୱୀପଟି ମ୍ୟାନ୍ମାରରେ ଅବସ୍ଥିତ। ଏହାକୁ ମଧ୍ୟ 'କୁମ୍ଭୀର ଦ୍ୱୀପ' ବୋଲି କୁହାଯାଏ। ଏହି ଆଇଲାଣ୍ଡରେ ପର୍ଯ୍ୟଟକଙ୍କ ପାଇଁ ବିପଦର କାରଣ ସାଜିଥାଆନ୍ତି କୁମ୍ଭୀର। ଉକ୍ତ ଦ୍ୱୀପକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ଅନ୍ତର୍ଭୁକ୍ତ କରାଯାଇଛି।

### ଗାଇଓଲା ଦ୍ୱୀପ

ଇଟାଲୀର ନାପଲ୍ସ ଦ୍ୱୀପପୁଞ୍ଜ ମଧ୍ୟରୁ ଗାଇଓଲା ଏକ କ୍ଷୁଦ୍ର ଦ୍ୱୀପ। ଏହା ଏକ ଭୟଙ୍କର ଆଇଲାଣ୍ଡ। କାରଣ ଉକ୍ତ ଦ୍ୱୀପଟିକୁ ଯିଏ ବି କିଣିଛନ୍ତି ତାଙ୍କର ମୃତ୍ୟୁ ଘଟିଛି କିମ୍ବା ତାଙ୍କ ପରିବାର ସଦସ୍ୟଙ୍କ ସହ କିଛି କ୍ଷତି ହୋଇଛି ବୋଲି ଶୁଣିବାକୁ ମିଳେ । ଏବେ ଏହି ଦ୍ୱୀପଟି ସରକାରଙ୍କ ଅଧୀନରେ ରହିଛି। ସେଠାରେ ଏକ ବିଳାସପୂର୍ଣ୍ଣ ବଙ୍ଗଳା ରହିଛି ଯାହା ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିଥାଏ। ଲୋକମାନେ ଏଠାକୁ ବୁଲିବାକୁ ଆସନ୍ତି ସତ, କିନ୍ତୁ ସନ୍ଧ୍ୟା ପୂର୍ବରୁ ସେ ସ୍ଥାନରୁ ଫେରିଆସନ୍ତି।

### ଭଲକାନୋ ଦ୍ୱୀପ

ଫିଲିପାଇନ୍ସରେ ରହିଛି ଲୁଜୋନ୍ ଦ୍ୱୀପ। ଏହାକୁ ଭଲକାନୋ ଆଇଲାଣ୍ଡ ବା 'ଆଗ୍ନେୟଗିରିର ଦ୍ୱୀପ' ମଧ୍ୟ କୁହାଯାଏ। କାହିଁକି ନା ଏଠାରେ ବହୁତ ଭୟଙ୍କର ଆଗ୍ନେୟ ଉଦଗୀରଣ ହୋଇଥାଏ। ଏହି ଆଇଲାଣ୍ଡକୁ ଦେଖିବା ଲାଗି ବିଶ୍ୱର ବିଭିନ୍ନ ସ୍ଥାନରୁ ଅନେକ ଲୋକ ଆସିଥାନ୍ତି। ଏହି ସ୍ଥାନକୁ ଯିବା ବିପଦପୂର୍ଣ୍ଣ ହୋଇଥାଏ।





# ଚା'ର ଆବିଷ୍କାର

ଦିନେ ସତ୍ୟବ୍ରତ ବାବୁ ସକାଳୁ ସକାଳୁ ତାଙ୍କ ପୁଅଝିଅଙ୍କୁ ଘରେ ଗଣିତ ପଢ଼ାଉ ଥାଆନ୍ତି । ଏତିକିବେଳେ ବାସନ୍ତି ଦେବୀ ଚା' କପ୍‌ଟେ ଧରି ଆସି ସତ୍ୟବ୍ରତଙ୍କୁ ଦେଲେ। ସତ୍ୟବ୍ରତ କହିଲେ,''ମନ କଥା ଜାଣିଲା ଭଳି ଚା' ନେଇ ଆସିଲ, ମୋର ଦରକାର ଥିଲା, ଧନ୍ୟବାଦ୍''। ଏବେ ପିଲାଙ୍କୁ ପଢ଼ାଇବା ପାଇଁ ମନ ପ୍ରଫୁଲ୍ଲ ରହିବ। ପୁଅ ଦୀପକ ପଚାରିଲା, ''ବାପା ! ଚା'କୁ ସମସ୍ତେ ପସନ୍ଦ କରୁଛନ୍ତି। ଥରେ ମାଉସୀ କହୁଥିଲେ, ଚା' ନ ପିଇଲେ ତାଙ୍କ ମୁଣ୍ଡ କ'ଣ ହୋଇଯାଉଛି। ତେଣୁ ବାପା ଏବେ ଆମକୁ ଏ ଚା'ର ଆବିଷ୍କାର ଓ ବ୍ୟବହାର ବିଷୟରେ କୁହନ୍ତୁ।'' ଝିଅ ରୀତା କହିଲା– ବାପା ! ଆମେ ଏ ଅଙ୍କ ସବୁ ପରେ କରିଦେବୁ। ଚା' ବିଷୟରେ କୁହନ୍ତୁ। ଏହା କେଉଁ ଦେଶରେ ପ୍ରଥମେ ପ୍ରଚଳିତ ଥିଲା ?

ବାପା କହିଲେ, ହେଉ ଠିକ୍ ଅଛି ତେବେ ଶୁଣ। ଖ୍ରୀଷ୍ଟପୂର୍ବ ୨୮୩୨ବେଳର ଅର୍ଥାତ୍ ଆଜକୁ ୪୦୫୫ ବର୍ଷ ପୂର୍ବେ ଚାଇନାର ସମ୍ରାଟ୍ ''ସେନ ଚୁଙ୍ଗ'' ନିଜ ବଗିଚାରେ ତାଙ୍କ ପାତ୍ରମନ୍ତ୍ରୀଙ୍କ ସହିତ ବସିଥିଲେ। ସେଠାରେ ଚୁଲାରେ ଏକ ପାତ୍ରରେ ପାଣି ଟକର ମକର ହୋଇ ଫୁଟୁଥିଲା। ହଠାତ୍ ପାଖ ଜଙ୍ଗଲରୁ କିଛି ପତ୍ର ପବନରେ ଉଡି ଆସି ସେହି ଫୁଟୁଥିବା ପାଣିରେ ପଡିଲା। ସଙ୍ଗେ ସଙ୍ଗେ ସେହି ପାତ୍ରରୁ ଏକ ପ୍ରକାର ବାସ୍ନା ବାହାରିଲା ଓ ସମ୍ରାଟ୍ ଜାଣିପାରି ସେହି ପାତ୍ରର ପାଣି ଟିକିଏ ଚାଖିଲେ। ସେ ଅନୁଭବ କଲେ, ଏକ ନୂତନ ଉନ୍ମାଦନା ଶରୀରରୁ ସଂଚରିତ ହେଉଛି। ସେ କେତେକ ଲୋକଙ୍କୁ ପଠାଇ ସେଭଳି ପତ୍ର ଖୋଜି ଆଣିବା ଲାଗି କହିଲେ। ସେହି ଦିନଠାରୁ ପତ୍ର ନାଁ ହେଲା– ଚା', ଯାହାର ଅର୍ଥ ଅନୁସନ୍ଧାନ। ସେହି ଚା'ର ସ୍ୱାଦ ସଭିଙ୍କ ମନକୁ ଛୁଇଁଲା ଓ ତା'ର ଆଦର ବଢ଼ିଲା। ଚା' ବ୍ୟବହାର ୪ର୍ଥରୁ ୫ମ ଶତାବ୍ଦୀ ମଧ୍ୟରେ ସମଗ୍ର ଚାଇନାରେ ବିସ୍ତାର ଲାଭ କଲା। ଦୀପକ କହିଲା, ବାପା ! ତେବେ ଚା' ପ୍ରଥମେ ଚାଇନା ଦେଶରେ ଆବିଷ୍କାର ହୋଇଥିଲା। ବାପା କହିଲେ, ହଁ। କିନ୍ତୁ ଚା'ର ପ୍ରଚଳନ ଏମିତି ବଢ଼ିଲା ଯେ ୯ମ ଶତାବ୍ଦୀରେ ତିବ୍ବତରେ ମୁଦ୍ରା ରୂପରେ ବ୍ୟବହାର ହେଲା ଓ କର୍ମଚାରୀମାନଙ୍କ ଦରମା ଚା' ପତ୍ର ଆକାରରେ ଦିଆଗଲା। ତା'ପରେ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଦ୍ୱାରା ତିବ୍ବତରୁ ଜାପାନକୁ ଚା' ବ୍ୟବହାର ବଢ଼ିଲା। ବୌଦ୍ଧ ସନ୍ନ୍ୟାସୀମାନଙ୍କ ବିଶ୍ୱାସ ଥିଲା ଚା' ପାନ କରି ଧ୍ୟାନରେ ବସିଲେ ମନର ଏକାଗ୍ରତା ବଢ଼ିଥାଏ। ଝିଅ ରୀତା ପଚାରିଲା, ବାପା ! ଆମ ଭାରତରେ ଚା'ର ପ୍ରଚଳନ କିପରି ହେଲା ? ଶୁଣ ; ୧୬୧୮ମସିହାରେ ରୁଷରେ ଚା' ବ୍ୟବହୃତ ହେଲା। ୧୬୬୨ରେ ଇଂଲଣ୍ଡର ରାଜା ଚାର୍ଲସ–୨ୟଙ୍କ ସମୟରେ ଚା'ର ବ୍ୟବହାର ହେଲା। ଏପରି ଭାବେ ୟୁରୋପରେ ପ୍ରଚଳିତ ହୋଇ କିଛି ବର୍ଷ ପରେ ଆମେରିକାରେ ବ୍ୟବହାର ହେଲା। ଇଂରେଜମାନେ ଆମ ଦେଶରେ ଶାସନ କରିବା ପରେ ପରେ ଚା' ବ୍ୟବହାର ଏମିତି ବଢ଼ିଲା ଯେ, ଭାରତରୁ ଅଫିମ ପଠାଇ, ତା' ବିନିମୟରେ ଚା' ପତ୍ର ଆମଦାନୀ କରାଗଲା। ପରବର୍ତ୍ତୀ ସମୟରେ ଆମ ଦେଶ ଆସାମରେ ଚା' ଚାଷ କରାଗଲା ଓ ସେହି ଚା' ସବୁଆଡ଼େ ଆଦର ଲାଭ କଲା।



ବାପା କହିଲେ, ଏବେ ୯ଟା ବାଜିଲା। ତୁମେ ଗାଧୋଇ, ଖାଇ ସ୍କୁଲ୍ ଯିବ। ଆଉ ଦିନେ ଚା' କପ୍‌ର ଆବିଷ୍କାର ଓ ପ୍ରଚଳନ ସମ୍ପର୍କରେ ମୁଁ କହିବି।

**– ବିନୋଦ ଚନ୍ଦ୍ର ଜେନା**
ଭିକ୍ଟୋରୀ କଲୋନୀ, ପାରଳାଖେମୁଣ୍ଡି, ଗଜପତି
ମୋ: ୭୭୩୫୨୨୨୭୧୩

# ଆଇନା



ସୂର୍ଯ୍ୟାଂଶୀ ସାହୁ
୩ ବର୍ଷ, ଭୁବନେଶ୍ୱର



ଅନନ୍ୟା ପାତ୍ର
୯ ବର୍ଷ, ଭୁବନେଶ୍ୱର